# NATIONAL NEWS BULLETIN (ODIA)

## 24 March - 2026

## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆ କ୍ଷେତ୍ରରେ ପୁନଃ ଶାନ୍ତି ପ୍ରତିଷ୍ଠା ପାଇଁ ଆଲୋଚନା ଏବଂ କୂଟନୈତିକ ପ୍ରୟାସକୁ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ।

- ପଶ୍ଚିମ ଏସିଆ ସ୍ଥିତିକୁ ଦୃଷ୍ଟିରେ ରଖି ଦେଶରେ ରନ୍ଧନ ଗ୍ୟାସ୍‌ର ଘରୋଇ ଉତ୍ପାଦନ ବୃଦ୍ଧି ।

- ତିନି ସେନା ବାହିନୀର ସ୍ୱଳ୍ପ ଅବଧି କମିଶନ୍ ଅଧିକାରୀ ଭାବେ କାର୍ଯ୍ୟ କରିଥିବା ମହିଳା ପୂର୍ଣ୍ଣ ପେନ୍‌ସନ୍ ପାଇବା ପାଇଁ ହକ୍‌ଦାର୍, ରାୟ ଦେଲେ ସୁପ୍ରିମ୍‌କୋର୍ଟ ।

ଏବଂ

- ତୃତୀୟଲିଙ୍ଗୀମାନଙ୍କର ଅଧିକାର ଓ ସୁରକ୍ଷା ସଂଶୋଧନ ବିଲ୍ ୨୦୨୬ ଉପରେ ଲୋକସଭାରେ ଆଲୋଚନା ।

# ପିଏମ୍-ୱେଷ୍ଟ ଏସିଆ

ପଶ୍ଚିମ ଏସିଆ କ୍ଷେତ୍ରରେ ଶାନ୍ତି ଫେରାଇ ଆଣିବା ପାଇଁ ଆଲୋଚନା ଏବଂ କୂଟନୈତିକ ପ୍ରୟାସ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆହ୍ୱାନ ଦେଇଛନ୍ତି । ରାଜ୍ୟସଭାରେ ଏହି ପ୍ରସଙ୍ଗରେ ଆଜି ନିଜର ବକ୍ତବ୍ୟ ରଖି ଶ୍ରୀ ମୋଦୀ ଉତ୍ତେଜନା ହ୍ରାସ ଏବଂ ହର୍ମୁଜ୍ ପ୍ରଣାଳୀ ପୁନଃ କାର୍ଯ୍ୟକ୍ଷମ କରିବା ନେଇ ମତ ପୋଷଣ କରିଛନ୍ତି । ପଶ୍ଚିମ ଏସିଆରେ ସଂଘର୍ଷ ପରଠାରୁ ଉପସାଗରୀୟ ଦେଶଗୁଡ଼ିକର ନେତୃବୃନ୍ଦଙ୍କ ସହ ଟେଲିଫୋନ୍ ମାଧ୍ୟମରେ ଆଲୋଚନା ହୋଇଥିବା ଶ୍ରୀ ମୋଦୀ ଗୃହକୁ ସୂଚନା ଦେଇଛନ୍ତି । ଇରାନ, ଇସ୍ରାଏଲ୍ ଏବଂ ଆମେରିକା ସହ ମଧ୍ୟ ଏହି ପ୍ରସଙ୍ଗରେ ମତ ବିନିମୟ ହୋଇଥିବା ଶ୍ରୀ ମୋଦୀ କହିଛନ୍ତି ।

**VO-1-PM--DIALOGUE-WA**

ଶ୍ରୀ ମୋଦୀ କହିଛନ୍ତି, ବାଣିଜ୍ୟିକ ଜାହାଜଗୁଡ଼ିକ ଉପରେ ଆକ୍ରମଣ ଏବଂ ହର୍ମୁଜ୍ ପ୍ରଣାଳୀ ଦେଇ ଆନ୍ତର୍ଜାତିକ ନୌ-ଚଳାଚଳରେ ବାଧା ସୃଷ୍ଟି ଗ୍ରହଣ ଯୋଗ୍ୟ ନୁହେଁ । ଯୁଦ୍ଧ ପରିବେଶ ମଧ୍ୟରେ ଭାରତୀୟ ଜାହାଜର ସୁରକ୍ଷିତ ଗତିବିଧିକୁ ସୁନିଶ୍ଚିତ କରିବା ନେଇ ଭାରତ କୂଟନୈତିକ ପଦକ୍ଷେପ ଗ୍ରହଣ କରୁଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଯୁଦ୍ଧ ପରିସ୍ଥିତି ଯୋଗୁଁ ପେଟ୍ରୋଲ୍, ଡିଜେଲ୍, ଗ୍ୟାସ୍ ଏବଂ ସାର ଭଳି ଅତ୍ୟାବଶ୍ୟକ

ସାମଗ୍ରୀର ନିୟମିତ ଆମଦାନୀ ବାଧାପ୍ରାପ୍ତ ହେଉଛି । ତେବେ ଦେଶବାସୀଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସୁନିଶ୍ଚିତ କରିବା ଲକ୍ଷ୍ୟରେ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ସେ କହିଛନ୍ତି ।

ବିଭିନ୍ନ କ୍ଷେତ୍ରରେ ଅନ୍ୟ ଦେଶ ଉପରେ ନିର୍ଭରଶୀଳତା ହ୍ରାସ ପାଇଁ ସରକାର ନିରନ୍ତର ପ୍ରୟାସ ଜାରି ରଖିଛନ୍ତି । ମେଡ୍ ଇନ୍ ଇଣ୍ଡିଆ ଅଭିଯାନ ଅଧୀନରେ ଜାହାଜ ନିର୍ମାଣ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ସରକାର ପ୍ରାୟ ୭୦ ହଜାର କୋଟି ଟଙ୍କା ବିନିଯୋଗ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗତ ଦଶନ୍ଧି ଧରି ଗ୍ରହଣ କରାଯାଇଥିବା ପଦକ୍ଷେପ ଦ୍ୱାରା ଭାରତ ଏବେ ଅଧିକାଂଶ ଆବଶ୍ୟକୀୟ ପ୍ରତିରକ୍ଷା ସାମଗ୍ରୀ ଘରୋଇ ନିର୍ମାଣ କରିପାରୁଛି ବୋଲି ସେ କହିଛନ୍ତି । ଆଗାମୀ କୃଷି ଋତୁ ପାଇଁ ସରକାର ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧତାକୁ ସୁନିଶ୍ଚିତ କରିବା ନେଇ ଅଙ୍ଗୀକାର ବଦ୍ଧତାର ସହ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ମୋଦୀ ଗୃହରେ ସୂଚନା ଦେଇଛନ୍ତି ।

## ୱେଷ୍ଟ ଏସିଆ-ଡେଲି ବ୍ରିଫିଂ

ଦେଶରେ ପର୍ଯ୍ୟାପ୍ତ ପରିମାଣରେ ପେଟ୍ରୋ ଏବଂ ଡିଜେଲ୍ ମହଜୁଦ୍ ରହିଛି ବୋଲି ସରକାର କହିଛନ୍ତି । ନୂଆଦିଲ୍ଲୀରେ ଆଜି ପଶ୍ଚିମ ଏସିଆ ପରିସ୍ଥିତି ଉପରେ ଆନ୍ତଃ ମନ୍ତ୍ରଣାଳୟ ସମୀକ୍ଷା ଆଧାରିତ ସାମ୍ବାଦିକ

ସମ୍ମିଳନୀକୁ ସମ୍ବୋଧନ କରି ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ଯୁଗ୍ମ ସଚିବ ସୁଜାତା ଶର୍ମା କହିଛନ୍ତି, ଏଲ୍.ପି.ଜି.ର ଘରୋଇ ଉତ୍ପାଦନ ବୃଦ୍ଧି କରାଯାଇଛି । ଗୁଜବକୁ ବିଶ୍ୱାସ ନ କରି ଏବଂ ଭୟଭୀତ ନ ହେବାକୁ ସେ ଅନୁରୋଧ କରିଛନ୍ତି । ପାଇପ୍ ମାଧ୍ୟମରେ ପ୍ରାକୃତିକ ଗ୍ୟାସ୍ ଯୋଗାଣକୁ ତ୍ୱରାନ୍ୱିତ କରାଯାଉଛି । ଗତକାଲି ପ୍ରାୟ ୭ ହଜାର ୫୦୦ ଘରୋଇ ଏବଂ ବାଣିଜ୍ୟିକ ଗ୍ୟାସ୍ ସଂଯୋଗ ପ୍ରଦାନ କରାଯାଇଛି ବୋଲି ଶ୍ରୀମତୀ ଶର୍ମା ସୂଚନା ଦେଇଛନ୍ତି ।

ବନ୍ଦର, ଜାହାଜ ଚଳାଚଳ ଓ ଜଳପଥ ମନ୍ତ୍ରଣାଳୟ ସ୍ୱତନ୍ତ୍ର ସଚିବ ରାଜେଶ କୁମାର ସିହ୍ନା କହିଛନ୍ତି, ଦୁଇଟି ଭାରତୀୟ ପତାକା ଯୁକ୍ତ ଜାହାଜ ଜଗବସନ୍ତ ଏବଂ ପାଇନ୍ ଗ୍ୟାସ୍ ସୁରକ୍ଷିତ ଭାବେ ହର୍ମୁଜ ପ୍ରଣାଳୀ ଅତିକ୍ରମ କରି ଭାରତ ଅଭିମୁଖେ ଆସୁଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ପଶ୍ଚିମ ଏସିଆ ପରିସ୍ଥିତି ଏବଂ ବିଶ୍ୱ ଆର୍ଥିକ ପ୍ରଭାବ ଓ ଶକ୍ତି ସୁରକ୍ଷା ନେଇ ଆମେରିକା ପ୍ରତିପକ୍ଷଙ୍କ ସହ ଆଲୋଚନା କରିଛନ୍ତି ।

## ରାଜନାଥ-ୱେଷ୍ଟ ଏସିଆ ମିଟ୍

ପଶ୍ଚିମ ଏସିଆ ପରିସ୍ଥିତି ନେଇ ଦେଶର ପ୍ରତିରକ୍ଷା ପ୍ରସ୍ତୁତି ଉପରେ ଆଜି ନୂଆଦିଲ୍ଲୀଠାରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ପ୍ରତିରକ୍ଷା ମୁଖ୍ୟଙ୍କ ସମେତ ବିଭାଗୀୟ ଉଚ୍ଚ ପଦାଧିକାରୀ, ଡି.ଆର୍.ଡି.ଓ. ଅଧ୍ୟକ୍ଷ ପ୍ରମୁଖ ବୈଠକରେ ଯୋଗ ଦେଇଥିଲେ । ସଂଘର୍ଷ ପରିସ୍ଥିତିରେ ଆଞ୍ଚଳିକ ସୁରକ୍ଷା ଏବଂ ଭାରତ ଉପରେ ସମ୍ଭାବ୍ୟ ପ୍ରଭାବ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଥିବା ଜଣାପଡ଼ିଛି । ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭରତା ଏବଂ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ପାଇଁ ଭବିଷ୍ୟତ ରୂପରେଖ ପ୍ରସ୍ତୁତି ଉପରେ ମନ୍ତ୍ରୀ ଶ୍ରୀ ସିଂହ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ଏସ୍‌ସି-ଓମେନ୍ ଅଫିସର୍ସ୍

ସ୍ଥଳସେନା, ନୌସେନା ଏବଂ ବାୟୁସେନାରେ ସ୍ୱଳ୍ପ ଅବଧି ପାଇଁ କମିଶନ୍ ଅଧିକାରୀ ଭାବେ କାର୍ଯ୍ୟ କରିଥିବା  ମହିଳା ପୂର୍ଣ୍ଣ ପେନ୍‌ସନ୍ ପାଇବାକୁ ହକ୍‌ଦାର ବୋଲି ସୁପ୍ରିମ୍‌କୋର୍ଟ୍ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁ ଏବଂ ଜଷ୍ଟିସ୍ ଏନ୍. କୋଟିସ୍ୱର ସିଂହଙ୍କ ଖଣ୍ଡପୀଠ ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି

କହିଛନ୍ତି, ସ୍ଥାୟୀ କମିଶନ୍ ଅଧିକାର ସୁବିଧା ପାଇବାରୁ ବଞ୍ଚିତ ହୋଇଥିବା ଏହି ବର୍ଗର ମହିଳା ଅଧିକାରୀ ପେନ୍‌ସନ୍ ପାଇବେ । ଆବଶ୍ୟକୀୟ ୨୦ ବର୍ଷର ସେବା ପୂରଣ ଯୋଗ୍ୟତା ଆଧାରରେ ସେମାନଙ୍କୁ ପେନ୍‌ସନ୍ ପ୍ରଦାନ କରାଯିବା ନେଇ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି ।

୨୦୧୯ରେ ନୀତି ପରିବର୍ତ୍ତନ ଏବଂ ସଶସ୍ତ୍ର ବାହିନୀ ଟ୍ରିବୁନାଲ୍ ଦ୍ୱାରା ପୂର୍ବ ପ୍ରଦତ୍ତ ରାୟ ପରିପ୍ରେକ୍ଷୀରେ ସ୍ଥାୟୀ କମିଶନ୍ ଅଧିକାରୀ ଭାବେ ଯୋଗଦେବାରୁ ବଞ୍ଚିତ ହୋଇଥିବା ଓ୍ୱିଙ୍ଗ୍ କମାଣ୍ଡର ସୁଚେତା ଏଦାନ୍‌ଙ୍କ ଦ୍ୱାରା ଦାଖଲ ଆବେଦନର ଶୁଣାଣି କରି ଖଣ୍ଡପୀଠ ଏହି ରାୟ ପ୍ରଦାନ କରିଛନ୍ତି । ଏଥିସହ ଅନ୍ୟ କେତେକ ମାମଲାର ମଧ୍ୟ କୋର୍ଟ୍ ଏକା ସାଙ୍ଗରେ ଶୁଣାଣି କରିଛନ୍ତି । ସେହି ମହିଳା ବର୍ଗ ଅଧିକାରୀଙ୍କ ବାର୍ଷିକ ଗୋପନୀୟ ରିପୋର୍ଟ୍ ଏସିଆର୍ ପ୍ରାୟତଃ ଆକସ୍ମିକ ଭାବେ ସମୀକ୍ଷା କରାଯାଉଥିଲା ଏବଂ ସ୍ଥାୟୀ କମିଶନ୍ ଯୋଗ୍ୟତା ପ୍ରଦାନ କରାଯିବ ନାହିଁ ବୋଲି ପୂର୍ବ ଧାରଣା ରହି ଆସିଥିଲା । ଏହି ଆଧାରରେ ସେମାନଙ୍କର ମୂଲ୍ୟାଙ୍କନରେ ହେଉଥିବା ତ୍ରୁଟିକୁ ଖଣ୍ଡପୀଠ ସୁଚିତ କରିବା ସହ ଏଭଳି ନିଷ୍ପତ୍ତି ପ୍ରଦାନ କରିଛନ୍ତି । ସ୍ୱଳ୍ପ ଅବଧି କମିଶନ୍ ଯୋଜନା ଅନୁଯାୟୀ ଅଧିକାରୀଙ୍କୁ ପ୍ରାରମ୍ଭିକ ଭାବେ ୧୦ ବର୍ଷ ଏବଂ ପରେ ୧୪ ବର୍ଷ ପର୍ଯ୍ୟନ୍ତ ଚାକିରି ସମୟସୀମା ବୃଦ୍ଧି କରାଯାଇଥାଏ । ଅବଧି ଶେଷ ପରେ ଏହି ମହିଳା ଅଧିକାରୀ ଚାକିରି ଛାଡ଼ିଥାନ୍ତି କିନ୍ତୁ ପୂର୍ଣ୍ଣ ପେନ୍‌ସନ୍ ସୁବିଧା ସେମାନଙ୍କ କ୍ଷେତ୍ରରେ ଉପଲବ୍ଧ ହୋଇନଥାଏ ।

# ଏଲ୍‌ଏସ୍‌-ଟ୍ରାନ୍ସଜେଣ୍ଡର ବିଲ୍

ଲୋକସଭାରେ ତୃତୀୟ ଲିଙ୍ଗୀ ବ୍ୟକ୍ତି ଅଧିକାର ସୁରକ୍ଷା ସଂଶୋଧନ ବିଲ୍ ୨୦୨୬ ଉପରେ ଆଲୋଚନା ଆରମ୍ଭ ହୋଇଛି । ଏହି ବିଲ୍ ୨୦୧୯ ଆଇନ୍‌କୁ ସଂଶୋଧନ କରିବା ଲକ୍ଷ୍ୟରେ ଆଗତ ହୋଇଛି । ବିଲ୍ ଆଗତ କରି ସାମାଜିକ ନ୍ୟାୟ ଓ ସଶକ୍ତିକରଣ ମନ୍ତ୍ରୀ ବୀରେନ୍ଦ୍ର କୁମାର କହିଛନ୍ତି, ତୃତୀୟଲିଙ୍ଗୀ ବ୍ୟକ୍ତିଙ୍କୁ ସୁରକ୍ଷା ଓ କଲ୍ୟାଣ ପାଇଁ ଏହି ବିଲ୍‌ରେ ଯଥେଷ୍ଟ ବ୍ୟବସ୍ଥା ରହିଛି । ବିଲ୍ ଅନୁଯାୟୀ ଜିଲ୍ଲା ମାଜିଷ୍ଟ୍ରେଟ୍ ତୃତୀୟଲିଙ୍ଗୀ ବ୍ୟକ୍ତିଙ୍କୁ ପ୍ରମାଣପତ୍ର ପ୍ରଦାନ କରିପାରିବେ ।

ଆଲୋଚନାରେ ଅଂଶଗ୍ରହଣ କରି କଂଗ୍ରେସର ଏସ୍. ଜ୍ୟୋଥିମଣୀ ଅଭିଯୋଗ କରି କହିଛନ୍ତି, ତୃତୀୟ ଲିଙ୍ଗୀଙ୍କ ସହିତ ପରାମର୍ଶ ନ କରି ଏହି ବିଲ୍ ଗୃହରେ ଆଗତ କରାଯାଇଛି । ସମାଜବାଦୀ ପାର୍ଟିର ଆନନ୍ଦ ଭଦୌରିଆ ଅଧିକ ତର୍ଜମା ପାଇଁ ବିଲ୍‌କୁ ସିଲେକ୍ଟ କମିଟିକୁ ପଠାଇବାକୁ ଦାବି କରିଛନ୍ତି । ବିଭିନ୍ନ ରାଜନୈତିକ ଦଳର ସଦସ୍ୟ ବିଲ୍ ଆଲୋଚନାରେ ଅଂଶଗ୍ରହଣ କରିଛନ୍ତି ।

# ଆର୍‌ଏସ୍‌-ଆପ୍ରୋପ୍ରିଏସନ୍‌

ଆସନ୍ତା ଆର୍ଥିକ ବର୍ଷ ପାଇଁ ଖର୍ଚ୍ଚ ଦାବି ଉପରେ ଆଲୋଚନା ଆଜି ରାଜ୍ୟସଭାରେ ପୁଣିଥରେ ହୋଇଛି । ଆଲୋଚନାରେ ଅଂଶଗ୍ରହଣ କରି ବିଜେପିର ଡକ୍ଟର ଦିନେଶ ଶର୍ମା କହିଛନ୍ତି, ଏହି ବିଲ୍ କେବଳ ଏକ ଆର୍ଥିକ ପ୍ରକ୍ରିୟା ନୁହେଁ ବରଂ ଦେଶର ବିକାଶର ଯାତ୍ରା, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି । ଆର୍ଥିକ ଏକତ୍ରିକରଣରୁ ସରକାର ପ୍ରାଥମିକତା ପ୍ରଦାନ କରୁଛନ୍ତି ଏବଂ ଆର୍ଥିକ ନିୟନ୍ତ୍ରଣ ହ୍ରାସ ପାଇଁ ପ୍ରୟାସ ଜାରି ରଖିଛନ୍ତି ବୋଲି ଶ୍ରୀ ଶର୍ମା କହିଛନ୍ତି ।

ବିଜେପିର ଅନ୍ୟତମ ସଦସ୍ୟ ଘନଶ୍ୟାମ ତିୱାରୀ କହିଛନ୍ତି, କର ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ କରି ସରକାର ପ୍ରଶଂସିତ ହୋଇଛନ୍ତି । ଅନେକ ସାମଗ୍ରୀ ଉପରେ ଜି.ଏସ୍.ଟି. ପରିମାଣ ହ୍ରାସ ସତ୍ତ୍ୱେ ଟିକସ ସଂଗ୍ରହ ଉଲ୍ଲେଖନୀୟ ବୃଦ୍ଧି ପାଇଛି ବୋଲି ସେ କହିଛନ୍ତି । ଆମ୍ ଆଦମୀ ପାର୍ଟିର ରାଘବ ଚଡ୍ଢା ପଶ୍ଚିମ ଏସିଆରେ ସଂଘର୍ଷ ଏବଂ ଦେଶ ଭିତରେ ନିବେଶ ଉପରେ ପ୍ରଭାବ ନେଇ କେତେକ ପ୍ରସଙ୍ଗ ଉଠାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜେ.ଏମ୍.ଏମ୍., ବି.ଏସ୍.ପି., ଆଇ.ୟୁ.ଏମ୍.ଏଲ୍. ଆଦି ଦଳର ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ବୈଷ୍ଣବ ରେଲୱେ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରେଳସେବା କ୍ଷେତ୍ରରେ ୫ଟି ସଂସ୍କାର ବିଷୟରେ ଘୋଷଣା କରିଛନ୍ତି । ନୂଆଦିଲ୍ଲୀରେ ଏହି ଘୋଷଣା କରି ଶ୍ରୀ ବୈଷ୍ଣବ କହିଛନ୍ତି ଚଳିତବର୍ଷ ୫୨ଟି ସପ୍ତାହରେ ୫୨ଟି ସଂସ୍କାରମୂଳକ ସମାଧାନ କରାଯିବ । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମକୁ ସମ୍ବୋଧିତ କରି ଶ୍ରୀ ବୈଷ୍ଣବ କହିଛନ୍ତି ଟିକଟ ବାତିଲ ଓ ଦେୟଫେରସ୍ତ ନିୟମ, ଟ୍ରେନ୍ ବୋର୍ଡିଂରେ ପରିବର୍ତ୍ତନ, ପରିବହନ, ଗାଡ଼ି ମୋଟର ପରିବହନ ଏବଂ ଉନ୍ନମାନର ନିର୍ମାଣ ଭଳି ସଂସ୍କାରମୂଳକ ପଦକ୍ଷେପ ହାତକୁ ନିଆଯାଇଛି । ଟିକଟ ବାତିଲ କରିବା ଏବଂ ଦେୟ ଫେରସ୍ତ ସମ୍ପର୍କରେ ଶ୍ରୀ ବୈଷ୍ଣବ କହିଛନ୍ତି ଟ୍ରେନ୍ ଯାତ୍ରା ଆରମ୍ଭ କରିବାର ୭୨ଘଣ୍ଟା ପୂର୍ବରୁ ଟିକଟ ବାତିଲ କଲେ ଯାତ୍ରୀମାନଙ୍କୁ ଅଳ୍ପକିଛି ଅର୍ଥ ବାଦ୍ ଦେଇ ବଳକା ଅର୍ଥ ଫେରସ୍ତ କରାଯିବ । ସେ କହିଛନ୍ତି ୭୨ଘଣ୍ଟା ପୂର୍ବରୁ ଏବଂ ୨୪ଘଣ୍ଟା ପର୍ଯ୍ୟନ୍ତ ଯଦି ଟିକଟ ବାତିଲ କରାଯାଏ ତେବେ ମୋଟ୍ ଭଡ଼ାର ୨୫ ପ୍ରତିଶତ କଟାଯିବ । ତେବେ ୮ଘଣ୍ଟାରୁ ୨୪ଘଣ୍ଟା ମଧ୍ୟରେ ବାତିଲ କରାଯାଉଥିବା ଟିକଟ ଗୁଡ଼ିକ ପାଇଁ ୫୦ ପ୍ରତିଶତ ଭଡ଼ା ଫେରସ୍ତ କରାଯିବ । ଟ୍ରେନ୍ ଛାଡିବାର ୮ ଘଣ୍ଟା ମଧ୍ୟରେ ଟିକଟ ବାତିଲ ହୋଇଥିଲେ କୌଣସି ଫେରସ୍ତ ଅର୍ଥ ମିଳିବ ନାହିଁ ।

# ଆଥଲେଟିକ୍ସ ଚାମ୍ପିୟନ୍‌ସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଆଜିଠାରୁ ପ୍ରଥମ ଜାତୀୟ ଇଣ୍ଡୋର୍ ଆଥଲେଟିକ୍ସ ଚାମ୍ପିୟନ୍‌ସିପ୍ ୨୦୨୬ ଆରମ୍ଭ ହୋଇଛି । କ୍ରୀଡ଼ା ଓ ଯୁବ ସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି । ଦୁଇଦିନିଆ ଏହି ପ୍ରତିଯୋଗିତାରେ ୯୭ ଜଣ ମହିଳାଙ୍କୁ ମିଶାଇ ୨୭୮ ଜଣ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିଛନ୍ତି । ସେଥିମଧ୍ୟରୁ ଓଡ଼ିଶାରୁ ୩୩ ଜଣ ପ୍ରତିଯୋଗି ଭାଗ ନେଇଥିବା ଜଣାପଡ଼ିଛି । ବରିଷ୍ଠ ଏବଂ ୨୦ ବର୍ଷରୁ କମ୍ ବର୍ଗରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି ।